ଓଡ଼ିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

# ODISHA STATE SCHOLARSHIP PORTAL

ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅନଲାଇନ୍ ରେ ନବୀକରଣ ପାଇଁ (ପରବର୍ତ୍ତୀ ବର୍ଷ ପାଇଁ ସମାନ ପାଠ୍ୟକ୍ରମରେ ନବୀକରଣ) ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ (ODISHA STATE SCHOLARSHIP PORTAL)ରେ ଆମନ୍ତ୍ରିତ କରାଯାଉଛି। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ, ସେମାନେ ଦିଆଯାଇଥିବା URL http://www.scholarship.odisha.gov.in ରେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନବୀକରଣ କରିପାରିବେ |

<u>ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:</u>

(କ) ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ ।

(ଖ) ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।

(ଗ) ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।

(ଘ) ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।

| ଦରଖାସ୍ତ ନବୀକରଣ କରିବାର ସମୟ ସାରଣୀ | | |
|---|---|---|
| କ୍ର.ନଂ | କାର୍ଯ୍ୟ କ୍ରମ | ନବୀକରଣ ସୂଚୀ |
| ୧ | ଦରଖାସ୍ତ ନବୀକରଣ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୧୮. ୦୮. ୨୦୨୩ |
| ୨ | ଦରଖାସ୍ତ ନବୀକରଣ କରିବା ନିମନ୍ତେ ଶେଷ ତାରିଖ | ୧୫ .୧୧. ୨୦୨୩ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୧୦. ୧୨. ୨୦୨୩ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧. ୧୨. ୨୦୨୩ |

**ବିଶେଷ ଦ୍ରଷ୍ଟବ୍ୟ:-** (i)ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ "ଆଧାର" ନମ୍ବର ପ୍ରଦାନ କରିବା ନିମନ୍ତେ ଆବଶ୍ୟକ ଅଟେ। ପଞ୍ଜୀକରଣ ସମୟରେ ପୋର୍ଟାଲର ନିର୍ଧାରିତ box ରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ । ଯଦି ପ୍ରଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବର ଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ (Ref: Dept Notification No:10744 dt26.06.2019) ।

(ii) ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ,ଏହି ଯୋଜନା ଅଧୀନରେ କେବଳ ଆଧାର ଲିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ। ତେଣୁ, ଆବେଦନକାରୀ ମାନେ ନିଶ୍ଚିତ କରିବା ଉଚିତ ଯେ ନିଜର ଆଧାର ସହିତ ସେମାନଙ୍କର ନିଜର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ ହୋଇଛି। ବ୍ୟାଙ୍କ ଆକାଉଣ୍ଟକୁ ଆଧାର ନମ୍ବର ସହିତ ଲିଙ୍କ କରିବା ପାଇଁ ନିଜର ବ୍ୟାଙ୍କ ଶାଖା ପରିଦର୍ଶନ କରନ୍ତୁ ଏବଂDBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କ ସମ୍ମତି ଫର୍ମଦାଖଲ କରନ୍ତୁ । https://resident.uidai.gov.in/bank-mapper URL ରେ NPCI ମ୍ୟାପରରେ ଆପଣଙ୍କର ଆଧାର ନମ୍ବର ସହିତ କେଉଁ ବ୍ୟାଙ୍କ ଲିଙ୍କ ହୋଇଛି ତାହା ଆପଣ ଯାଞ୍ଚ କରିପାରିବେ |

(iii) ଛାତ୍ର ବୃତ୍ତିର ଏକ ଛୋଟ ଅଂଶ (କେବଳ ହୋଷ୍ଟେଲର୍ ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ଟପ୍-ଅପ୍ ରାଶି) ଆବେଦନରେ ପ୍ରଦତ୍ତ ବ୍ୟାଙ୍କ-ଆକାଉଣ୍ଟରେ ପ୍ରଦାନ କରାଯିବ | ଆବେଦନକାରୀ ମାନେ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର,IFSC Code, ଶାଖା ନାମ ଇତ୍ୟାଦି ପୋର୍ଟାଲରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନ ବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ । ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ବୃତ୍ତି ରାଶି ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ଯାଏ ତେବେ ସେଥିପାଇଁ ଆବେଦନକାରୀ ନିଜେ ଦାୟୀ ରହିବେ ।

**ଉଭୟ ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶଗୁଡିକ ଅନୁସରଣ କରିବେ:**

- ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦିଅ।ଯାଉଅଛି କି ସେମାନେ ସମ୍ପୃକ୍ତ URL http://www.scholarship.odisha.gov.in କୁ ଯାଇ ସେମାନଙ୍କର userid ଏବଂ password ବ୍ୟବହାର କରି ସମାନ ପାଠ୍ୟକ୍ରମରେ ନବୀକରଣ କରିପାରିବେ । ଯଦି ଛାତ୍ରଛାତ୍ରୀମାନେ ସେମାନଙ୍କର password ଭୁଲିଯାଇଛନ୍ତି, ତେବେ ସେମାନେ student login ପେଜ ରେ ଦିଆଯାଇଥିବା "FORGOT PASSWORD" ବଟନ୍ ରେ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ଯାଇଥିବା OTP ବ୍ୟବହାର କରି ଏହାକୁ ପୁନରୁଦ୍ଧାର କରିପାରିବେ ।
- ନବୀକରଣ (ସମାନ ପାଠ୍ୟକ୍ରମରେ) କରୁଥିବା ସମସ୍ତ ଛାତ୍ରଛାତ୍ରୀମାନେ ସେମାନଙ୍କର ବେସିକ ପ୍ରୋଫାଇଲ ପେଜରେ AADHAAR ନମ୍ବର ପାର୍ଶ୍ୱରେ ଥିବା "VERIFY" ବଟନ୍ ଉପରେ କ୍ଲିକ କରିବେ | AADHAAR ରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ OTP ଯିବ ଏବଂ ସେହି OTP ପୋର୍ଟାଲରେ ଦେବାପରେ , ଯଦି AADHAAR ରେ କୌଣସି ପରିବର୍ତ୍ତନ (ନାମ/DOB/ଲିଙ୍ଗ) କରାଯାଇଥାଏ, ତାହା ପୋର୍ଟାଲରେ ସ୍ଥାନିତ ହୋଇଯିବ|
- ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ, ଜନଜାତି ନାମ ଏବଂ Particularly Vulnerable Tribal Group(PVTG) ସମ୍ପର୍କୀୟ ଅତିରିକ୍ତ ସୂଚନା ପ୍ରଦାନ କରନ୍ତୁ। ଆବେଦନ କରିବା ସମୟରେ ବେସିକ ପ୍ରୋଫାଇଲ ପେଜରେ ଡ୍ରପ୍ ଡାଉନ୍ ତାଲିକାରେ ଦିଆଯାଇଥିବା ୧୩ ଟି ଗୋଷ୍ଠୀ ତାଲିକା ମଧ୍ୟରୁ ସଠିକ୍ ବିକଳ୍ପ ଚୟନ କରନ୍ତୁ ଏବଂ ଏ ସୂଚନା କୁ ନେଇ କିଛି ଦ୍ୱନ୍ଦ ଥିଲେ ଦୟାକରି ଆପଣଙ୍କର ଜାତି ପ୍ରମାଣପତ୍ରକୁ ଅନୁସରଣ କରନ୍ତୁ | ଯଦି ଛାତ୍ରଛାତ୍ରୀ ନିଜର ଗୋଷ୍ଠୀ ବିଷୟରେ ଅବଗତ ନାହାନ୍ତି ସେମାନେ ନିଜର ପିତାମାତାଙ୍କ ଠାରୁ ଆବଶ୍ୟକୀୟ ତଥ୍ୟ ଗ୍ରହଣ କରି ଏହା ପୂରଣ କରି ପାରିବେ । ଯଦି ଆପଣ PVTG ଗୋଷ୍ଠୀ ଅନ୍ତର୍ଭୁକ୍ତ ନାହାନ୍ତି, ତେବେ NO ଚୟନ କରନ୍ତୁ।
- ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନମାନଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଗୁଡିକର ହାର୍ଡକପି ଦାଖଲ ନକରିବାକୁ ପରାମର୍ଶ ଦିଆଯାଇଛି।
- ସମାନ ପାଠ୍ୟକ୍ରମରେ ନବୀକରଣ କରିବା ଛାତ୍ରଛାତ୍ରୀ ମାନଙ୍କୁ ଆୟ / ଜାତି ପ୍ରମାଣପତ୍ର ପୁନଃ ଦାଖଲ କରିବା ଆବଶ୍ୟକ ନାହି ଏବଂ ପାଠ୍ୟକ୍ରମର ସମଗ୍ର ଅବଧି ପାଇଁ ଏହା ଯୋଗ୍ୟ ରହିବ | ଛାତ୍ରଛାତ୍ରୀମାନେ ଅନଲାଇନ୍ ଆବେଦନର ପୂର୍ବ ପରୀକ୍ଷା / ସେମିଷ୍ଟ।ର / ଟ୍ରିମିଷ୍ଟ।ର ର ମାର୍କ୍ academic details ବିଭାଗରେ ପ୍ରଦାନ କରିବା ଆବଶ୍ୟକ |
- ଆବେଦନ ସ୍ଥିତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବା ପାଇଁ ଛାତ୍ରଛାତ୍ରୀମାନେ ଏକ ସକ୍ରିୟ ମୋବାଇଲ ନମ୍ବର ( ବିଶେଷତଃ whatsapp ଥିବା ନମ୍ବର) ପୋର୍ଟାଲରେ ପ୍ରଦାନ କରିବା ଆବଶ୍ୟକ ଅଟେ | ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ମୋବାଇଲ ନମ୍ବର କେବଳ ଗୋଟିଏ ଆବେଦନରେ ହିଁ ବ୍ୟବହାର କରାଯାଇପାରିବ।
- ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ID ଏବଂ password ଗୋପନୀୟ ରଖିବାକୁ ଅନୁରୋଧ | ଯଦି ଆବେଦନକାରୀ ନିଜର ID କିମ୍ବା password ଅନ୍ୟକୁ ଜଣ।ଇଲେ କିମ୍ବା ହସ୍ତାନ୍ତର କାଲେ ଯଦି ବୃତ୍ତି ରାଶିରେ କୌଣସି ଭୁଲ ପଇଠ ହୁଏ ବା କୌଣସି କାରସାଦି ହୁଏ ସେଥିପାଇଁ ସମ୍ପୃକ୍ତ ଆବେଦନକାରୀ ଦାୟୀ ରହିବେ ।
- ଅନୁଷ୍ଠାନ କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀ ମାନେ ଶେଷ ତାରିଖକୁ ଅପେକ୍ଷା ନକରି ଆବେଦନ ପାଇବାର ୭ ଦିନ ମଧ୍ୟରେ ନିଜର ପରବର୍ତ୍ତୀ ସ୍ତରକୁ ଆବେଦନ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି |

ସ୍ୱା

ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ